# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**21 June – 2026**

**********************************

## ମୁଖ୍ୟ ସମ୍ବାଦ

- କୋଲକାତାର ରେଡ୍ ରୋଡ୍‌ଠାରୁ ଆନ୍ତର୍ଜାତିକ ଯୋଗଦିବସ ପାଳନର ନେତୃତ୍ୱ ନେଲେ ପ୍ରଧାନମନ୍ତ୍ରୀ

– କହିଲେ ଯୋଗ ହେଉଛି, ମାନବୀୟ ଚେତନାର ସଶକ୍ତ ଅଭିବ୍ୟକ୍ତି

- ଗଜପତି, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

- ରାୟଗଡ଼ା ଭିଡ଼ ହିଂସା ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ ପୁଲିସ ମହାନିର୍ଦ୍ଦେଶକ

ଏବଂ

- ଆଜି ଅନୁଷ୍ଠିତ ହେଉଛି ଏନ୍.ଟି.ଏ. ପରିଚାଳିତ ନିଟ୍–ୟୁଜି ପୁନଃ ପ୍ରବେଶିକା ପରୀକ୍ଷା

# ଯୋଗ ଦିବସ

ଭାରତ ସମେତ ସମଗ୍ର ବିଶ୍ୱରେ ଆଜି ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଉଛି। 'ସୁସ୍ଥ ଆୟୁ ପାଇଁ ଯୋଗ' ପ୍ରସଙ୍ଗ ଆଧାରରେ ଯୋଗର ଉପକାରିତା ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଆଜିର ଦିବସରେ ସଚେତନତା ସୃଷ୍ଟି କରାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି  କୋଲକାତାର ରେଡ୍ ରୋଡ୍‌ଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଯୋଗାଭ୍ୟାସ କରିବା ସହ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ କିମ୍ବା ଏହା କୌଣସି ବୟସ ବର୍ଗ ମଧ୍ୟରେ  ସୀମିତ ନୁହେଁ। ଯୋଗ ହେଉଛି ମାନବୀୟ ଚେତନାର ସଶକ୍ତ ଅଭିବ୍ୟକ୍ତି। ଏହା ମାନସିକ ସୁସ୍ଥତା ତଥା ଶାରୀରିକ ସୁସ୍ଥତାକୁ ସନ୍ତୁଳିତ କରିବା ସହ ସକାରାତ୍ମକ ଜୀବନ ଅତିବାହିତ କରିବାରେ ସହାୟକ ହୋଇଥାଏ। ଯୋଗକୁ କେବଳ ଏକ ନିର୍ଦ୍ଦିଷ୍ଟ ଦିବସରେ ସୀମିତ ନ ରଖି ଜୀବନର ଏକ ଅଂଶଭାବରେ ଗ୍ରହଣ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସରକାରଙ୍କ ଦ୍ୱାରା ୧୦୦ ଦିନିଆ ଅନଲାଇନ୍ ଯୋଗ ପ୍ରଶିକ୍ଷଣ ଯୋଗୁଁ 'ଚଳିତ ବର୍ଷ ସବୁଦିନ ଯୋଗ' ସ୍ଲୋଗାନ ଲୋକପ୍ରିୟ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -**

ସୂଚନା ଅନୁସାରେ, ୨୦୧୫ ମସିହାରୁ ଆନ୍ତର୍ଜାତିକ ଯୋଗଦିବସ ପାଳନ ହେବା ଦିନଠାରୁ ପ୍ରଧାନମନ୍ତ୍ରୀ' ଦିଲ୍ଲୀ, ଚଣ୍ଡିଗଡ଼, ଲକ୍ଷ୍ନୌ,

ମହିଶୂର, ନ୍ୟୁୟର୍କ, ଶ୍ରୀନଗର ଏବଂ ବିଶାଖାପାଟଣାରେ ଯୋଗ ଦିବସର ନେତୃତ୍ୱ ନେଇଛନ୍ତି।

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆଜି ଦେଶବ୍ୟାପୀ ୧୦୦ଟି ପ୍ରତୀକାତ୍ମକ ସ୍ଥାନରେ ସ୍ୱତନ୍ତ୍ର ଯୋଗଦିବସର ଆୟୋଜନ କରାଯାଇଥିଲା।

BBSR/R

## ଯୋଗଦିବସ– ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁସ୍ଥ ଓ ଚାପମୁକ୍ତ ଜୀବନ ପାଇଁ ବୟସ୍କ, ଯୁବ ଓ ଛାତ୍ର ସମସ୍ତଙ୍କୁ ନିୟମିତ ଯୋଗାଭ୍ୟାସ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଜଟଣୀର ବିଞ୍ଝଗିରିଠାରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପ୍ୟାଥି ଅନୁଷ୍ଠାନ ନିର୍ମାଣ ଚାଲିଛି। ସରକାର ଯୋଗକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

**- V/O -**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସଠାରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସହ ଯୋଗାଭ୍ୟାସ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଯୋଗ ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ଶ୍ରେଷ୍ଠ ମାଧ୍ୟମ । ଏହା ନିରନ୍ତର ଭାବେ ମଣିଷକୁ ଏକ ସୁସ୍ଥ ଜୀବନ ଦିଗରେ ଅଗ୍ରସର କରାଇଥାଏ ।

Puri/Ganjam/Jharsuguda/Khurda/DHNK/Katak/Boudh/SMBLPUR/Rayagada/Baragarh/Nuapada /BDK

## ଜିଲ୍ଲା–ଯୋଗ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି ।

ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଯୋଗାଭ୍ୟାସ କରିଥିଲେ । ଶ୍ରୀମତୀ ପରିଡ଼ା ସମସ୍ତଙ୍କୁ ଯୋଗକୁ ଜୀବନର ଅଂଶ ରୂପେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ପୁଲିସ ପଡ଼ିଆରେ ଅନୁଷ୍ଠିତ ଯୋଗ ଦିବସ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଶରୀର ଓ ମନକୁ ସୁସ୍ଥ ରଖିବା ସହ ମାନସିକ କୁବିଚାରକୁ ଦମନ କରିବାରେ ଯୋଗ ସହାୟକ ହୋଇଥାଏ ବୋଲି କହିଥିଲେ ।

ଝାରସୁଗୁଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ ।

ଖୋର୍ଦ୍ଧାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ' ଯୋଗ ଶାରୀରିକ ସୁସ୍ଥତାକୁ ବଜାୟ ରଖିଥାଏ ବୋଲି କହିଥିଲେ।

ଢେଙ୍କାନାଳରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦିବସ ପାଳନର ନେତୃତ୍ୱ ନେଇଥିଲେ।

କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଶହ ଶହ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

ସମ୍ବଲପୁର, ବୌଦ୍ଧ, ରାୟଗଡ଼ା, ବରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ଉତ୍ସାହର ସହ ଯୋଗଦିବସ ପାଳିତ ହୋଇଯାଇଛି।

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

Desk

## ଭିଡ଼ ହିଂସା

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଘଟିଥିବା ଭିଡ଼ ହିଂସା ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିବା ଲାଗି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଖୁରାନିଆ ମହିଳା ବିରୋଧୀ ଅପରାଧ ଶାଖାକୁ ଏ ନେଇ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଶ୍ରୀ ଖୁରାନିଆ କହିଛନ୍ତି, ମହିଳା ବିରୋଧୀ ଅପରାଧ ଶାଖା ଅତିରିକ୍ତ

ମହାନିର୍ଦ୍ଦେଶକ ଏସ୍.ସାଇନିଙ୍କ ନେତୃତ୍ୱରେ ଏକ ଦଳ ରାୟଗଡ଼ା ଯାଇ ତଦନ୍ତ କରିବ। ଆବଶ୍ୟକ ପଡ଼ିଲେ ଏହି ଦଳ ଦିଲ୍ଲୀ ଯାଇ ତଦନ୍ତ କରିବ ବୋଲି ଜଣାପଡ଼ିଛି। ପୂର୍ବରୁ ଭିଡ଼ ହିଂସାର ଶିକାର ହୋଇଥିବା ଯୁବକ ଯୁବତୀଙ୍କ ବୟାନ ରେକର୍ଡ ସରିଥିବା ବେଳେ ଏ ପର୍ଯ୍ୟନ୍ତ ଏହି ମାମଲାରେ ୨୩ ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି।

Desk

## ନିଟ୍ ୟୁଜି ପରୀକ୍ଷା

ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ ଦ୍ୱାରା ପରିଚାଳିତ ନିଟ୍–ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହେଉଛି। ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହୋଇଥିବାବେଳେ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଚାଲିବ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମାନସିକ ଭାବେ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ପରାମର୍ଶ ଦେଇଛନ୍ତି।

ପରୀକ୍ଷାର୍ଥୀମାନଙ୍କ ପରୀକ୍ଷା କେନ୍ଦ୍ର ମଧ୍ୟକୁ ପ୍ରବେଶ କରିବାଠାରୁ ଆରମ୍ଭ କରି ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦେଶର ୫୫୧ଟି ସହରରେ ୫ ହଜାର ୪୫୪ଟି ପରୀକ୍ଷା କେନ୍ଦ୍ର ସମେତ ବିଦେଶର ୧୪ଟି ସହରରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶାର ୨୭ଟି ସହରରେ ୧୩୨ଟି ପରୀକ୍ଷା କେନ୍ଦ୍ରର ପ୍ରାୟ ୫୭ ହଜାର ଛାତ୍ରଛାତ୍ରୀ ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଦେଉଥିବା ଜଣାପଡ଼ିଛି। ଏହି ପରୀକ୍ଷାକୁ

ସୂଚାରୁରୂପେ ସମ୍ପନ୍ନ କରିବା ପାଇଁ ଗତକାଲି ଦେଶବ୍ୟାପୀ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ନିଟ୍ ୟୁଜି ପରୀକ୍ଷା ପାଇଁ ୨ ଲକ୍ଷରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଆଧାର ଆଧାରିତ ଚିହ୍ନଟୀକରଣ ପ୍ରକ୍ରିୟା ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନାରେ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ଲାଗି ମାଗଣା ବସ୍ ଚଳାଚଳ କରିଛନ୍ତି।

Desk

## ସ୍କୁଲ ଛୁଟି ବୃଦ୍ଧି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କେତେକ ଜିଲ୍ଲାରେ ସ୍କୁଲ ଛୁଟି ଅବଧିକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅନ୍ୟ କେତେକ ସ୍ଥାନରେ ସକାଳୁଆ ସ୍କୁଲ କରାଯାଉଛି। ନୂଆପଡ଼ା ଜିଲ୍ଲାରେ ପୂର୍ବରୁ ଆସନ୍ତାକାଲି ପର୍ଯ୍ୟନ୍ତ ସକାଳୁଆ ସ୍କୁଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହାକୁ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନୂଆପଡ଼ା ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି।

Rayagada

## ବକ୍ସାଇଟ୍ ଖଣି– ଜନଶୁଣାଣି

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ କୋଡ଼ିଙ୍ଗାମାଳି ବକ୍ସାଇଟ୍ ଖଣିରେ ଖନନ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ଖଣିରୁ ୩ ଦଶମିକ ୬ ନିୟୁତରୁ ୬ ନିୟୁତ ପର୍ଯ୍ୟନ୍ତ ବକ୍ସାଇଟ୍ ଖନନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

ଜନଶୁଣାଣିରେ ସ୍ଥାନୀୟ ଜନସାଧାରଣ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ପ୍ରଭାବିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜନଶୁଣାଣିରୁ ଜଣାପଡ଼ିଛି।

Nabarangpur

## ବିକାଶର ଧାରା କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅଧୀନରେ ଅନୁସୂଚିତ ଜାତି, ଜନଜାତି ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁସୂଚିତ ଜାତି, ଜନଜାତି ବିଭାଗର ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ସାଂସଦ ଶ୍ରୀ ମାଝୀ କହିଛନ୍ତି, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାର ସମସ୍ତ ୧୦ଟି ବ୍ଲକରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଉଛି। କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ଓ ତୁମ୍ବାଲାଠାରେ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

Desk

## ଯୁକ୍ତ ଦୁଇ ନାମଲେଖା

ରାଜ୍ୟରେ ଯୁକ୍ତ ଦୁଇ ଶ୍ରେଣୀରେ ନାମଲେଖା ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିଛି। ଚଳିତ ମାସ ୩୦ ତାରିଖ ସୁଦ୍ଧା ଆଶାୟୀ ଛାତ୍ରଛାତ୍ରୀମାନେ ଅନଲାଇନ୍‌ରେ ଆବେଦନ କରିପାରିବେ। ସୂଚନା ଅନୁଯାୟୀ, ରାଜ୍ୟରେ ଥିବା ୨ ହଜାର ୫୭୫ଟି ଉଚ୍ଚ ମାଧ୍ୟମିକ

ବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷାରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବା ପାଇଁ ଆବେଦନ କରିପାରିବେ । ଆଜି ସୁଦ୍ଧା ୪ ଲକ୍ଷ ୪ ହଜାର ୫୧୫ ଜଣ ଛାତ୍ରଛାତ୍ରୀ ଏଥିଲାଗି ଆବେଦନ କରିଥିବା ସୂଚନା ମିଳିଛି । ରାଜ୍ୟରେ ଯୁକ୍ତ ଦୁଇ କଳା ଶ୍ରେଣୀରେ ୩ ଲକ୍ଷ ୩୮ ହଜାର ୨୫୮ଟି ଆସନ ଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୯୩ ହଜାର ୭୧୭, ବାଣିଜ୍ୟରେ ୪୩ ହଜାର ୮୩୨, ସଂସ୍କୃତରେ ୧୩ ହଜାର ୭୧୨ ଓ ଧନ୍ଦାମୂଳକ ଶିକ୍ଷାରେ ୧୦ ହଜାର ୬୮୪ଟି ଆସନ ରହିଛି ।

Desk

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାବେଳେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି ।